# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**11 June - 2024**

**News Editor : *Tapan Kumar Moharana***

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ବାଛିବା ପାଇଁ ଭୁବନେଶ୍ୱରରେ ଆଜି ଅପରାହ୍ଣରେ ଅନୁଷ୍ଠିତ ହେବ ବିଜେପି ବିଧାୟକ ଦଳର ବୈଠକ

— ପର୍ଯ୍ୟବେକ୍ଷକ ଭାବେ ଯୋଗଦେବା ଲାଗି ଭୁବନେଶ୍ୱରରେ ପହଞ୍ଚିଲେ ଦୁଇ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ଏବଂ ଭୂପେନ୍ଦ୍ର ଯାଦବ

- ରେଳ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ମନ୍ତ୍ରୀଭାବେ ଦାୟିତ୍ୱ ନେଲେ ଅଶ୍ୱିନୀ ବୈଷ୍ଣବ

- ଡାକ୍ତରୀ ପ୍ରବେଶିକା ପରୀକ୍ଷା-ନୀଟ୍ କାଉନ୍‌ସେଲିଂ ଉପରେ ରହିତାଦେଶ ଦେବାକୁ ମନାକଲେ ସୁପ୍ରିମ୍‌କୋର୍ଟ

ଏବଂ

- ସମ୍ବଲପୁର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଲିଛି ଶୀତଳଷଷ୍ଠୀ ଏବଂ ଶିବବିବାହ

## ବିଧାୟକ ଦଳ ବୈଠକ

ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ଚୟନ ଲାଗି ଆଜି ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ଆଜି ଅପରାହ୍ଣରେ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଦଳର କେନ୍ଦ୍ରୀୟ କମିଟି ଦ୍ୱାରା ନିଯୁକ୍ତ ଦୁଇ ପର୍ଯ୍ୟବେକ୍ଷକ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ଓ ଭୂପିନ୍ଦ୍ର ଯାଦବ ଉପସ୍ଥିତ ରହିବେ। ଇତିମଧ୍ୟରେ ଉଭୟ କେନ୍ଦ୍ରମନ୍ତ୍ରୀ ଭୁବନେଶ୍ୱରରେ ପହଞ୍ଚି ସାରିଛନ୍ତି।

ଏହାବ୍ୟତିତ ବୈଠକରେ ଓଡ଼ିଶାର ସମସ୍ତ ୨୦ ଜଣ ବିଜେପି ସାଂସଦ, ୭୮ ଜଣ ବିଧାୟକ ଏବଂ ବିଜେପି ରାଜ୍ୟ ପ୍ରଭାରୀ ସୁନୀଲ ବଂଶଲ ମଧ୍ୟ ଉପସ୍ଥିତ ରହିବେ। ବୈଠକ ପରେ ବିଧାୟକମାନେ ରାଜ୍ୟପାଳଙ୍କ ନିକଟରେ ସରକାର ଗଠନ ଲାଗି ଦାବି ଉପସ୍ଥାପନ କରିବେ। ଆସନ୍ତାକାଲି ସନ୍ଧ୍ୟାରେ ଭୁବନେଶ୍ୱର ଜନତା ମଇଦାନରେ ନୂଆ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରିମଣ୍ଡଳର ଅନ୍ୟାନ୍ୟ ସଦସ୍ୟ ଶପଥଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଅପରାହ୍ଣ ୨ଟା ୩୦ ମିନିଟ୍‌ରେ ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱର ଆନ୍ତର୍ଜାତିକ ବିମାନ ବନ୍ଦରରେ ପହଞ୍ଚିବେ। ସେଠାରୁ ସେ ରାଜଭବନ ଯାଇ ସନ୍ଧ୍ୟାରେ ଶପଥଗ୍ରହଣ ଉତ୍ସବସ୍ଥଳକୁ ଆସିବାର କାର୍ଯ୍ୟକ୍ରମ ରହିଛି।

## ମୁଖ୍ୟମନ୍ତ୍ରୀ ଶପଥଗ୍ରହଣ

ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ରାଜଧାନୀରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

ପୁଲିସ କମିସନର ସଂଜୀବ ପଣ୍ଡା କହିଛନ୍ତି, ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ସମାରୋହ ଅପରାହ୍ଣ ୨ଟାରୁ ସଂଧ୍ୟା ୭ଟା କିମ୍ବା ଶପଥ ସମାରୋହ ସରିବା ଯାଏଁ ଭୁବନେଶ୍ୱରର ବିଭିନ୍ନ ଅଂଚଳରେ ଯାନବାହାନ ଚଳାଚଳ ନେଇ କଟକଣା ଜାରି ରହିବ।

ସେ କହିଛନ୍ତି, ଆଇ.ଜି ପ୍ରବୀଣ କୁମାର ଜନତା ମଇଦାନ ସୁରକ୍ଷା ଦାୟିତ୍ୱରେ ରହିବେ। ଆଇଜି ସାର୍ଥକ ଷଡ଼ଙ୍ଗୀ ବିମାନବନ୍ଦରର ତଦାରଖ ଓ ଉମାଶଙ୍କର ଦାସ ଟ୍ରାଫିକ ଦାୟିତ୍ୱରେ ରହିବେ।

## ନିମନ୍ତ୍ରଣ

ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥଗ୍ରହଣ ଉତ୍ସବରେ ଯୋଗଦେବା ପାଇଁ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ କରିଛନ୍ତି। ବିଜେପିର ୫ ଜଣ ବରିଷ୍ଠ ନେତା ମନମୋହନ ସାମଲ, ସୁରେଶ ପୂଜାରୀ, ବସନ୍ତ ପଣ୍ଡା, ସମୀର ମହାନ୍ତି ଏବଂ ନିତ୍ୟନନ୍ଦ ଗଣ୍ଡ ନବୀନ ନିବାସ ଯାଇ ଶ୍ରୀ ପଟ୍ଟନାୟକଙ୍କୁ ନିମନ୍ତ୍ରଣ କରିଛନ୍ତି।

## ଅଶ୍ୱିନୀ ବୈଷ୍ଣବ

ସାଂସଦ ଅଶ୍ୱିନୀ ବୈଷ୍ଣବ ଆଜି କେନ୍ଦ୍ର ସୂଚନା ଓ ପ୍ରସାରଣ ଏବଂ ରେଳ ମନ୍ତ୍ରଣାଳୟର ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ସେ ୩ କୋଟି ଗ୍ରାମୀଣ ଓ ସହରାଞ୍ଚଳ ବାସଗୃହ ନିର୍ମାଣ ନିମନ୍ତେ କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତ୍ତିକୁ ପ୍ରଶଂସା କରିଛନ୍ତି। ସରକାର ଦେଶବାସୀଙ୍କ ସେବା ଜାରି ରଖିବେ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି। ଶ୍ରୀ ବୈଷ୍ଣବଙ୍କୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ସଞ୍ଜୟ ଯାଜୁ ଓ ଅନ୍ୟ ବରିଷ୍ଠ

ଅଧିକାରୀମାନେ ସ୍ୱାଗତ କରିଥିଲେ।  ଏହି ଅବସରରେ ଶ୍ରୀ ବୈଷ୍ଣବ କହିଥିଲେ,

# - V/O –

## ଶପଥ ଗ୍ରହଣ ଉତ୍ସବ-ଛୁଟି ଘୋଷଣା

ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀପରିଷଦର ଶପଥ ଗ୍ରହଣ ଉତ୍ସବ ଆସନ୍ତାକାଲି ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଆସୁଥିବା ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟାଳୟ ଏବଂ ରାଜସ୍ୱ ଓ ନ୍ୟାୟିକ ଅଦାଲତ ଦିନ ଗୋଟାଏ ପରଠାରୁ ବନ୍ଦ ରହିବ। ରାଜ୍ୟପାଳ ରଘୁବର ଦାସଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏହା ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି।

## ନାଲିବତୀ ସୁପ୍ରିମକୋର୍ଟ

ଗାଡ଼ିରେ ବେଆଇନ୍ ଭାବେ ନାଲି ବତୀ ବ୍ୟବହାର ସମ୍ପର୍କିତ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ଲାଗି ଓଡ଼ିଶା ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ସଂଶୋଧିତ ମୋଟରଯାନ ନିୟମାବଳୀ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ରାଜ୍ୟ ସରକାରଙ୍କ କେଉଁ ପଦାଧିକାରୀ ନାଲିବତୀ ଗାଡି ବ୍ୟବହାର କରିବେ, ତାହା ରାଜ୍ୟ ସରକାର ସ୍ଥିର କରିବେ। ତେବେ ସେହି ନିର୍ଦ୍ଦେଶନାମାକୁ ଅମାନ୍ୟ କରି ରାଜ୍ୟର ଅଧିକାଂଶ ପଦାଧିକାରୀ ବେଆଇନ୍ ଭାବେ ନାଲିବତୀ ଗାଡ଼ି ବ୍ୟବହାର କରୁଥିବା ମାମଲାରେ ଦର୍ଶାଯାଇଛି। ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏହି ଘଟଣା ସମ୍ପର୍କରେ ମାମଲା ରୁଜୁ

ହେବାପରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଆଦେଶ ଅନୁପାଳନ ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

## ନୀଟ୍ ୟୁଜି- ଏନ୍‌ଟିଏକୁ ନୋଟିସ୍

ନୀଟ୍ ୟୁଜି ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ ପରିପ୍ରେକ୍ଷୀରେ କାଉନ୍‌ସେଲିଂ ଉପରେ ରହିତାଦେଶ ଆବେଦନକୁ ସୁପ୍ରିମ୍‌କୋର୍ଟ ଅଗ୍ରାହ୍ୟ କରିଛନ୍ତି । ଏହି ମାମଲାରେ ସୁପ୍ରିମ୍‌କୋର୍ଟ ଆଜି ପରୀକ୍ଷା ପରିଚାଳନା ସଂସ୍ଥା ଏନ୍‌ଟିଏ ଏବଂ ଅନ୍ୟ ପକ୍ଷମାନଙ୍କୁ ନୋଟିସ୍ ଜାରି କରିଛନ୍ତି ।

ଏହି ପରୀକ୍ଷାରେ ୧ ହଜାର ୫୦୬ ଜଣ ପରୀକ୍ଷାର୍ଥୀଙ୍କୁ ଗ୍ରେସ୍ ମାର୍କ ମିଳିବା ନେଇ ସୁପ୍ରିମ୍‌କୋର୍ଟରେ ପରୀକ୍ଷା ରଦ୍ଦ କରିବାକୁ ମାମଲା ରୁଜୁ ହୋଇଛି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାସ ୮ ତାରିଖରେ କରାଯିବାକୁ ସୁପ୍ରିମ୍‌କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି ।

## ପରୀକ୍ଷାଫଳ

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଦ୍ୱାରା ପରିଚାଳିତ ସ୍ନାତକ, ସ୍ନାତକୋତ୍ତର ଏବଂ ବିଏଡ୍ ପରୀକ୍ଷାଫଳ ପ୍ରକାଶ ପାଇଛି । ସ୍ନାତକ ଶ୍ରେଣୀରେ ୩୮୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୩୭ ଜଣ କୃତକାର୍ଯ୍ୟ ହୋଇଛନ୍ତି । ସେହିପରି ସ୍ନାତକୋତ୍ତର ପରୀକ୍ଷାରେ ୨୫୮ ଜଣଙ୍କ ମଧ୍ୟରୁ ୨୩୭ ଜଣ ଓ ବିଏଡ୍ ପରୀକ୍ଷାରେ ସମସ୍ତ ୪୨ ଜଣ କୃତକାର୍ଯ୍ୟ ହୋଇଛନ୍ତି । ସ୍ନାତକରେ ସ୍ୱର୍ଣ୍ଣପ୍ରଭା ସାହୁ ଟପର ହୋଇଥିବାବେଳେ ବିଏଡ୍‌ରେ ସୁଦୀପ୍ତା ବେହେରା ଓ ମୋନାଲିସା ଜେନା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।

## ଶିବବିବାହ-ଶୀତଳଷଷ୍ଠୀ

ସମ୍ବଲପୁରରେ ମହାଆଡମ୍ବରରେ ଶିବବିବାହ ଅନୁଷ୍ଠିତ ହୋଇଛି । ବ୍ରାହ୍ମ ମୁହୂର୍ତ୍ତରେ ନନ୍ଦପଡାର ବମ୍‌ବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡାର ଲୋକନାଥ ବାବା, ମୋଦୀପଡାର ଜାଗେଶ୍ୱର ବାବା ଓ ବଡ଼ବଜାରର ଶୀତଳେଶ୍ୱର ବାବାଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି । ପ୍ରଥମେ ଦେବଦେବ ମହାଦେବଙ୍କୁ ବରବେଶରେ ସୁସଜ୍ଜିତ କରିବା ପରେ ମଧ୍ୟରାତ୍ରୀରେ ମହାଆଳତୀ କରାଯାଇଥିଲା । ବରାନୁଗମନ କାର୍ଯ୍ୟକ୍ରମରେ ଶତାଧିକ ସାଂସ୍କୃତିକ ଦଳ ସାମିଲ ହୋଇ ଭୋର୍ ୩ଟାରେ କନ୍ୟାଘରେ ପହଞ୍ଚିଥିଲେ । ସମ୍ପୂର୍ଣ୍ଣ ଲୋକାଚାର ଓ ବୈଦିକ ରୀତିନୀତି ଅନୁଯାୟୀ ମହାଦେବଙ୍କ ସହ ମାତା ପାର୍ବତୀଙ୍କ ବିବାହ ହୋଇଥିଲା ।

ନବରଙ୍ଗପୁର ଜିଲ୍ଲା ଉମରକୋଟ୍‌ଠାରେ ଶୀତଳଷଷ୍ଠୀ ଉପଲକ୍ଷେ ଦେବଦମ୍ପତ୍ତିଙ୍କ ଶୁଭବିବାହ ଅନୁଷ୍ଠିତ ହୋଇଯାଇଛି । ସନାତନ ସଂସ୍କୃତି ଓ ପରମ୍ପରା ଅନୁଯାୟୀ, କଳିଙ୍ଗ କଳା ସାଂସ୍କୃତିକ ପରିଷଦ ପକ୍ଷରୁ ଗୁଲିପାଟଣା ବାବା ବୈଦ୍ୟନାଥ ମନ୍ଦିରରେ ଏହ ବିବାହକାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଏହାକୁ ଦେଖିବା ଲାଗି ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

ଅନ୍ୟପକ୍ଷରେ, **ଭଦ୍ରକ** ଜିଲ୍ଲା ଆରଡୀର ପ୍ରସିଦ୍ଧ ବାବା ଆଖଣ୍ଡଳମଣୀଙ୍କ ପୀଠରେ ଆଜି ଶିବ-ପାର୍ବତୀଙ୍କ ବିବାହ ହେବ। ବୈଦିକ ରୀତିମତେ ମଙ୍ଗଳପାଗ ଓ ହଳଦୀସ୍ନାନ କରାଯିବା ପରେ ସନ୍ଧ୍ୟାରେ ମହାପ୍ରଭୁଙ୍କ ବରାନୁଗମନ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏଥିଲାଗି ମଣିବାବା ଓ ମାତା ପାର୍ବତୀଙ୍କୁ ରାଜରାଜେଶ୍ୱର  ବେଶରେ ସୁସଜ୍ଜିତ କରାଯିବ। ଏଥିରେ ରାଜ୍ୟର

ବିଭିନ୍ନ ସ୍ଥାନରୁ ବାଦ୍ୟ ଓ ନୃତ୍ୟ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ ।

## ଆଲୋଚନା

ସୂଚନା ଓ ଲୋକସମ୍ପର୍କ ବିଭାଗ ଦକ୍ଷିଣାଞ୍ଚଳ ଉପନିର୍ଦ୍ଦେଶକ ଲଲାଟେନ୍ଦୁ ମହାପାତ୍ର ଦିନିକିଆ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସି ଛତ୍ରପୁର ସ୍ଥିତ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସମୀକ୍ଷା କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କର ଉପସ୍ଥିତିରେ ହୋଇଥିବା ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା ।

## କ୍ରାଇମ୍‌ବ୍ରାଞ୍ଚ-ନିଶାଦ୍ରବ୍ୟ ଜବତ

ଚଳିତବର୍ଷ ପ୍ରଥମ ୬ ମାସ ମଧ୍ୟରେ ରାଜ୍ୟ କ୍ରାଇମ୍‌ବ୍ରାଞ୍ଚର ସ୍ୱତନ୍ତ୍ର ଟାସ୍କଫୋର୍ସ୍ ୭ କୋଟି ୬୬ ଲକ୍ଷ ଟଙ୍କାର ନିଶାଦ୍ରବ୍ୟ ଓ ଚୋରାସାମଗ୍ରୀ ଜବତ କରିଛି । ଏହି ସମୟ ମଧ୍ୟରେ କ୍ରାଇମ୍‌ବ୍ରାଞ୍ଚ ୧୮ଟି ମାମଲା ଦାଏର କରିଥିବା ଜଣାପଡିଛି । ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲା ପୁରୀ, ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ବୌଦ୍ଧ ଏବଂ କନ୍ଧମାଳ ଓ ସୁବର୍ଣ୍ଣପୁର, ସୁନ୍ଦରଗଡ଼, ସମ୍ବଲପୁର, ଅନୁଗୁଳ ଓ ଭୁବନେଶ୍ୱରରୁ ନିଶାଦ୍ରବ୍ୟ ଓ ଚୋରୀ ସାମଗ୍ରୀ ଜବତ କରାଯାଇଛି । କ୍ରାଇମ୍‌ବ୍ରାଞ୍ଚ୍ ଏସ୍.ଟି.ଏଫ୍ ଗତ ୬ ମାସ ମଧ୍ୟରେ ପୁରୀ ଜିଲ୍ଲାରୁ ୧ କୋଟି ୫ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର୍ ଜବତ କରିବା ସହ ଫୁଲବାଣୀରୁ କଲରାପତରିଆ ବାଘ ଛାଲ, ବୌଦ୍ଧରୁ ୭ ଲକ୍ଷରୁ ଅଧିକ ଟଙ୍କାର ଗଞ୍ଜେଇ ଏବଂ ଭୁବନେଶ୍ୱରରୁ ପ୍ରାୟ ୭ ଲକ୍ଷ ଟଙ୍କାର ନିଶାଦ୍ରବ୍ୟ ଜବତ କରିଥିବା ସୂଚନା ମିଳିଛି । ଏହିସବୁ ଘଟଣାରେ ସମ୍ପୃକ୍ତ ଲୋକମାନଙ୍କୁ ରାଜ୍ୟ ଏବଂ ରାଜ୍ୟ ବାହାରୁ ଗିରଫ କରାଯାଇ ବିଭିନ୍ନ ଧାରା ଅଧୀନରେ କୋର୍ଟ ଚାଲାଣ କରାଯାଇଛି ।

## ବିଏଡ୍ ନାମଲେଖା

୨୦୨୪-୨୫ ଶିକ୍ଷାବର୍ଷରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଏଡ୍ ଶ୍ରେଣୀରେ ନାମଲେଖା ଲାଗି ୯୫ ହଜାର ୧୧୬ ଜଣ ପ୍ରାର୍ଥୀ ଆବେଦନ କରିଛନ୍ତି। ଗତକାଲି ଆବେଦନର ଶେଷ ତାରିଖ ଥିବାବେଳେ ଆଜି ଫର୍ମ ସଂଶୋଧନ କରାଯାଇପାରିବ। ରାଜ୍ୟରେ ଥିବା ୩୧ଟି ଶିକ୍ଷାନୁଷ୍ଠାନର ୨ ହଜାର ୭୫୦ଟି ଆସନ ପାଇଁ ଜୁଲାଇ ମାସ ୨୪ ତାରିଖରେ ବିଏଡ୍ ଓ ବିଏଚ୍ଏଡ୍ ଏବଂ ୨୫ ତାରିଖରେ ଏମ୍ଏଡ୍ ପାଇଁ ପ୍ରବେଶିକ ପରୀକ୍ଷା ଅନୁଷ୍ଠିତ ହେବ।  ଆବେଦନକାରୀମାନେ ଜୁଲାଇ ମାସ ୧୫ ତାରିଖରେ ରାଜ୍ୟ ପ୍ରବରଣ ମଣ୍ଡଳୀ-ଏସ୍ଏସ୍ବି ୱେବ୍ସାଇଟ୍ରୁ ଆଡମିଟ୍କାର୍ଡ ଡାଉନ୍ଲୋଡ୍ କରିପାରିବେ।

## ଏସି ବସ୍ ଚଳାଚଳ

**ନବରଙ୍ଗପୁର** ଜିଲ୍ଲାର ସୀମାନ୍ତ ବ୍ଲକ୍ ଚନ୍ଦାହାଣ୍ଡିରୁ ଦକ୍ଷିଣ ଓଡ଼ିଶାର ପ୍ରମୁଖ ସହର ବ୍ରହ୍ମପୁରକୁ ଆସନ୍ତାକାଲିଠାରୁ ଏସି ବସ୍ ଚଳାଚଳ କରିବ। ୨୦୧୮ ମସିହାରୁ ଏହି ବସ୍ ରାସ୍ତା ଖରାପ କାରଣରୁ ଉମରକୋଟ୍ରୁ ଚଳାଚଳ କରୁଥିବାରୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ଅସୁବିଧା ନେଇ ସାଂସଦ ବଳଭଦ୍ର ମାଝୀ ହସ୍ତକ୍ଷେପ କରିବା ପରେ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଆସନ୍ତାକାଲିଠାରୁ ଉମରକୋଟ ବଦଳରେ ଚନ୍ଦାହାଣ୍ଡିରୁ ଏହି ବସ୍ ଚଳାଚଳ କରିବ ବୋଲି ଜଣାପଡିଛି।

## ପାଣିପାଗ

ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ଅନ୍ୟ କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଏହି ସ୍ଥିତି ଲାଗି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି ।

**********************************